# Asian School of Business Management

**NEW PAPER:** The Samaja

**DATE:** 07.08.2018

**PAGE:** 8

# ଏଏସବିଏମ୍ ନୂତନ ବ୍ୟାଚ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୬।୮(ଭୁ.ପ୍ର): ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)ର ପି.ଜି.ଡ଼ି.ଏମ୍., ବିବିଏ ଏବଂ ବି.କ୍ମ ନୂତନ ବ୍ୟାଚ୍ ଆରମ୍ଭ ହୋଇଛି । ଏହି ଅବସରରେ ଏଏସ୍‌ବିଏମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ପରିଚାଳକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଦୀନବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଜୀବନରେ ସଫଳ ହେବାକୁ ହେଲେ କଠୋର ଅଧ୍ୟବସାୟ, ଦୃଢ଼ ମନୋବଳ ଏବଂ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଆତ୍ମ ସମୀକ୍ଷା ଦ୍ୱାରା ନିଜର ଭୁଲକୁ ସୁଧାରିବାକୁ ସେ ଆହ୍ୱାନ ଦେଇଥିଲେ । ଶ୍ରୀ ମହାପାତ୍ର ଏଏସ୍‌ବିଏମ୍‌ର ଆନ୍ତର୍ଜାତିକ ଗୁଣବତ୍ତା ସମ୍ପନ୍ନ ଶିକ୍ଷାଦାନ ଓ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ସଫଳତାର ଭୂୟସୀ ପ୍ରଶଂସା କରିଥିଲେ ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ପୂର୍ବତନ କୁଳପତି ପ୍ରଫେସର ଦେବେନ୍ଦ୍ର ନାଥ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଛାତ୍ରଛାତ୍ରୀମାନେ ପରିବର୍ତ୍ତନର ଆହ୍ୱାନକୁ ସମ୍ମୁଖୀନ ହେବା ସହ ଦୃଢ଼ ମନୋବଳ ଦ୍ୱାରା ଜୀବନରେ ସଫଳତା ହାସଲ କରିପାରିବେ । କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ସାଂସଦ ଡ଼ ପ୍ରସନ୍ନ ପାଟଶାଣୀ କହିଥିଲେ ଯେ ନିଜର ଗୁଣାତ୍ମକ ଶିକ୍ଷାଦାନ ପଦ୍ଧତି ଦ୍ୱାରା ଏଏସ୍‌ବିଏମ୍ ଦେଶର ଏକ ଅଗ୍ରଣୀ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ରୂପରେ ଖ୍ୟାତି ଅର୍ଜନ କରିଅଛି । ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀମାନେ ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ସ୍ୱତଃସ୍ଫୂର୍ତ୍ତ ଭାବେ ନିଷ୍ପତ୍ତି ନେବା ଉଚିତ । ନୂତନ ପିଢ଼ିକୁ ସେ



ଆହ୍ୱାନ ଦେଇ କହିଲେ ଯେ ଅନ୍ୟମାନଙ୍କଠାରୁ ପାଇବାର ଆଶାକରିବା ପୂର୍ବରୁ ନିଜେ ଦେଇ ଶିଖିବା ଉଚିତ । ଅନୁଷ୍ଠାନର ଡ଼ିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଉଦୟନ ଦାସ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ । ପ୍ରଫେସର ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।